# NATIONAL NEWS BULLETIN (ODIA)

## 11 November- 2025

## Mid Bulletin : 1.50 p.m.

## ମୁଖ୍ୟ ସମ୍ବାଦ

- ବିହାରର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଭୋଟ ଗ୍ରହଣ ଜାରି। ଦିନ ଗୋଟାଏ ସୁଦ୍ଧା ୪୭ ଦଶମିକ ୬/୨ ପ୍ରତିଶତ ମତଦାନ ସୂଚନା।

- ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ଚାଲିଛି ମତଦାନ।

  – ନୂଆପଡ଼ାରେ ଦିନ ଗୋଟାଏ ସୁଦ୍ଧା ୫୧ ଦଶମିକ ୪/୨ ପ୍ରତିଶତ ମତଦାନ।

- ଭୁଟାନ ରାଜାଙ୍କ ଜନ୍ମଦିବସ ଉତ୍ସବରେ ଯୋଗଦେବା ପାଇଁ ଭୁଟାନରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ।

- ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣାରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ।

ଏବଂ

- କଲକାତା ଇଡେନଗାର୍ଡେନ ଓ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି।

## ଇଣ୍ଡିଆ-ସାଉଥ ଆଫ୍ରିକା ଟେଷ୍ଟ ସିକ୍ୟୁରିଟି

ଦିଲ୍ଲୀର ଲାଲକିଲ୍ଲା ନିକଟରେ ଗତକାଲି ଘଟିଥିବା ବିସ୍ଫୋରଣ ପରେ କଲକତାର ଇଡେନ୍‌ଗାର୍ଡେନରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ମ୍ୟାଚ୍ ଲାଗି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। କଲକାତା ପୁଲିସ କମିଶନର ମନୋଜ ବର୍ମା କହିଛନ୍ତି। ସମ୍ପୂର୍ଣ୍ଣ ସହରକୁ ହାଇଆଲର୍ଟରେ ରଖାଯାଇଛି ଏବଂ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଛି। ଇଡେନଗାର୍ଡେନ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ଦର୍ଶକ ବସିବାକୁ ଥିବା ସ୍ଥାନ, ପ୍ରବେଶ ପଥ ଏବଂ ପଡିଆର ବାହ୍ୟ ଅଞ୍ଚଳରେ ସୁରକ୍ଷା ପୂର୍ବାପେକ୍ଷା ଦୃଢ଼ କରାଯାଇଛି। ଆସନ୍ତା ଶୁକ୍ରବାର ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଇଡେନ୍‌ଗାର୍ଡେନରେ ପ୍ରଥମ ଟେଷ୍ଟମ୍ୟାଚ୍ ଖେଳାଯିବ।

## ଯୋଶୀ-ଗ୍ରୀନ୍ ହାଇଡ୍ରୋଜେନ୍

ଭାରତକୁ ସବୁଜ ହାଇଡ୍ରୋଜେନ ଉତ୍ପାଦନ, ବ୍ୟବହାର ଏବଂ ରପ୍ତାନୀ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା କେନ୍ଦ୍ର ନୂତନ ଏବଂ ଅକ୍ଷୟଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି। ନୂଆଦିଲ୍ଲୀରେ ସବୁଜ ହାଇଡ୍ରୋଜେନ୍ ଉପରେ ଆୟୋଜିତ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ସବୁଜ ହାଇଡ୍ରୋଜେନ୍‌କୁ କେବଳ ଏକ ବିକଳ୍ପ ଭାବେ ନୁହେଁ ବରଂ ଆର୍ଥିକ ଆବଶ୍ୟକତା ଭାବେ ଦେଖାଯିବା ଉଚିତ।

ମନ୍ତ୍ରୀ କହିଛନ୍ତି ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ ଅଧିନରେ ସରକାରଙ୍କ ପ୍ରାଥମିକ ଧ୍ୟାନ ଅଭିନବ ପ୍ରଯୁକ୍ତି ବିକଶିତ କରିବା ଉପରେ ରହିଛି, ଯାହା ଜୈବ ବସ୍ତୁସମୂହ ବା ବର୍ଜ୍ୟବସ୍ତୁ ସାମଗ୍ରୀର ଉପଯୋଗ କରି ସବୁଜ ହାଇଡ୍ରୋଜେନ ଉତ୍ପାଦନ କରିପାରିବ।

# ତାମିଲନାଡୁ ସିଲିଣ୍ଡର

ତାମିଲନାଡୁରେ ଆଜି ଆରିଓ୍ୱାଲୁର ନିକଟବର୍ତ୍ତୀ ବାରାଣସୀଠାରେ ଏକ ଟ୍ରକ ଭର୍ତ୍ତି ଏଲ୍‌ପିଜି ସିଲିଣ୍ଡର ଭୁଶୁଡ଼ି ବିସ୍ଫୋରଣ ଘଟିଛି। ଟ୍ରକ୍‌ଟି ରାସ୍ତାର ଏକ ମୋଡ଼ ଅତିକ୍ରମ କରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ ଡ୍ରେନେଜ୍‌କୁ ଖସିପଡିଥିଲା। ଦୁର୍ଘଟଣାରେ ଆହତ ଡ୍ରାଇଭରଙ୍କୁ ହସପିଟାଲ୍‌ରେ ଭର୍ତ୍ତି କରାଯାଇଛି।

ଟ୍ରକରେ ନିଆଁ ଲାଗିବା ସମୟରେ ସିଲିଣ୍ଡରଗୁଡ଼ିକ ରାସ୍ତାକଡ଼ରେ ପଡ଼ିରହିଥିଲେ ହେଁ କୌଣସି ବଡ଼ ଦୁର୍ଘଟଣା ଘଟିନଥିବା ଜଣାପଡ଼ିଛି।

# ଇଣ୍ଡିଆ ୟୁଏନ୍‌ଏସ୍‌ସି

ଆତଙ୍କବାଦରେ ବ୍ୟବହୃତ ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣରେ ସହାୟତା କରୁଥିବା ଏବଂ ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଉଥିବା ବ୍ୟକ୍ତିବିଶେଷ କିମ୍ବା ସଂଗଠନ ପ୍ରତି ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବାକୁ ଭାରତ ମିଳିତ ଜାତିସଂଘ ସୁରକ୍ଷା ପରିଷଦକୁ ଅନୁରୋଧ କରିଛି। ମିଳିତ ଜାତିସଂଘରେ ଆୟୋଜିତ କ୍ଷୁଦ୍ର ଅସ୍ତ୍ରଶସ୍ତ୍ର ଉପରେ ଏକ ବିତର୍କରେ ଭାଗନେଇ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ପର୍ବଥନେନି

ହରିଶ୍ କହିଛନ୍ତି ଦେଶ ଦଶନ୍ଧି ଦଶନ୍ଧି ଧରି ସୀମାପାର ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ କରିଆସିଛି ।

ପରୋକ୍ଷରେ ପାକିସ୍ଥାନକୁ ଇଙ୍ଗିତ କରି ହରିଶ୍ କହିଛନ୍ତି ଯେ ଅଣରାଷ୍ଟ୍ର ବ୍ୟକ୍ତିବିଶେଷ ଏବଂ ଆତଙ୍କବାଦୀ ଗୋଷ୍ଠୀଙ୍କୁ କ୍ଷୁଦ୍ର ଅସ୍ତ୍ରଶସ୍ତ୍ର ଯୋଗାଉଥିବା ରାଷ୍ଟ୍ରଗୁଡ଼ିକ ବିଶ୍ୱ ପ୍ରତି ବିପଦ ସୃଷ୍ଟି କରିଛନ୍ତି । ଏହାକୁ ମିଳିତ ଭାବରେ ସମାଧାନ କରାଯିବା ଆବଶ୍ୟକ ବୋଲି ଶ୍ରୀ ହରିଶ୍ ଆହ୍ୱାନ ଦେଇଛନ୍ତି ।

# ରାଜନାଥ-ବିସ୍ଫୋରଣ

ଦିଲ୍ଲୀ କାର୍ ବିସ୍ଫୋରଣ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଉଚିତ୍ ଜବାବ ଦିଆଯିବ ଏବଂ କୌଣସି ପରିସ୍ଥିତିରେ ବି ଛଡ଼ାଯିବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ନୂଆଦିଲ୍ଲୀରେ ଆଜି ପ୍ରତିରକ୍ଷା ବାର୍ତ୍ତାଳାପକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି ଯେ ଦିଲ୍ଲୀ ବିସ୍ଫୋରଣ ଘଟଣାରେ ପ୍ରମୁଖ ଅନୁସନ୍ଧାନକାରୀ ସଂସ୍ଥା ତ୍ୱରିତ ଏବଂ ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି । ଅନୁସନ୍ଧାନର ଫଳାଫଳ ଶୀଘ୍ର ସାର୍ବଜନୀନ କରାଯିବ । ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତିଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ସମବେଦନା ଜଣାଇଛନ୍ତି ।

# ଶାହା-ମିଟିଙ୍ଗ

ରାଜଧାନୀ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଗତକାଲି ସନ୍ଧ୍ୟାରେ ଘଟିଥିବା କାର୍ ବିସ୍ଫୋରଣ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ

ଅଧ୍ୟକ୍ଷତା କରି ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବୈଠକରେ କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ଦିଲ୍ଲୀ ପୁଲିସ କମିଶନର, ଜାତୀୟ ଅନୁସନ୍ଧାନ ଏଜେନ୍ସି-'ଏନ୍ଆଇଏ'ର ମହାନିର୍ଦ୍ଦେଶକ ଏବଂ ଜାମ୍ମୁକାଶ୍ମୀର ପୁଲିସ ମହାନିର୍ଦ୍ଦେଶକ ଯୋଗ ଦେଇଥିଲେ।

କାର୍ ବିସ୍ଫୋରଣ ସମ୍ପର୍କରେ ଗୃହମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ଦିଲ୍ଲୀ ପୁଲିସ୍, ଏନ୍ଆଇଏ, ଏନ୍ଏସ୍‌ଜି ଏବଂ ଫୋରେନ୍‌ସିକ୍ ଟିମ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବିସ୍ଫୋରଣ ସଠିକ୍ ବିବରଣୀ ଖୁବ୍‌ଶୀଘ୍ର ପ୍ରକାଶ ପାଇବ।

**V/O – Amit Shah**

ଦିଲ୍ଲୀ ପୁଲିସ କମିଶନର ସତୀଶ୍ ଗୋଲ୍‌ଚା କହିଛନ୍ତି ଧୀର ଗତିରେ ଚାଲୁଥିବା ଏକ ଗାଡି ଗତକାଲି ସନ୍ଧ୍ୟାରେ ରେଡ୍‌ଫୋର୍ଟ ମେଟ୍ରୋ ଷ୍ଟେସନ ନିକଟରେ ଟ୍ରାଫିକ ରେଡଲାଇଟ୍ ପାଖରେ ଅଟକିବା ପରେ ଏଥିରେ ବିସ୍ଫୋରଣ ଘଟିଥିଲା। ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଅଧିନିୟମ-'**UAPA**', ବିସ୍ଫୋରକ ଅଧିନିୟମ ଏବଂ ଭାରତୀୟ ନ୍ୟାୟସଂହିତାର ବିଭିନ୍ନ ଧାରାରେ ଦିଲ୍ଲୀ ପୁଲିସ୍ ଏକ ମାମଲା ରୁଜୁ କରିଛି।

ବିସ୍ଫୋରଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ଥିତି ଅନୁଧ୍ୟାନ କରିବା ସହ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ କଥା ହୋଇଛନ୍ତି। ଶ୍ରୀ ଶାହା କାର୍ ବିସ୍ଫୋରଣ ସ୍ଥଳ ପରିଦର୍ଶନ କରିବା ସହ ଏଲ୍ଏନ୍‌ଜେପି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଭେଟିଥିଲେ। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତମାନଙ୍କ ସମ୍ପର୍କରେ ସବିଶେଷ ବିବରଣୀ ଜାଣିବା ପାଇଁ ଦିଲ୍ଲୀ ପୁଲିସ୍ ପକ୍ଷରୁ ହେଲ୍‌ପଲାଇନ୍ ନମ୍ବର ଜାରି କରାଯାଇଛି।

# ପିଏମ୍‌–ଥିମ୍ପୁ ଆଡ୍ରେସ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦିଲ୍ଲୀ ବିସ୍ଫୋରଣ ଘଟଣାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଛଡାଯିବ ନାହିଁ ଏବଂ ନ୍ୟାୟୋଚିତ ଭାବେ ଦଣ୍ଡିତ କରାଯିବ। ଭୁଟାନ୍‌ର ଥିମ୍ପୁଠାରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ମୋଦୀ କହିଛନ୍ତି ଏହି ଘଟଣାର ତଦନ୍ତ କରୁଥିବା ସଂସ୍ଥାଗୁଡ଼ିକ ସହ ସେ ଗତ ରାତିତମାମ୍‌ ଯୋଗାଯୋଗରେ ରହିଥିଲେ ଏବଂ ଘଟଣାର ଷଡ଼୍‌ଯନ୍ତ୍ରକାରୀଙ୍କୁ ଧରିବା ଲାଗି ସମ୍ପୃକ୍ତ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ସନ୍ଧ୍ୟାରେ ଦିଲ୍ଲୀରେ ସଂଗଠିତ ବିସ୍ଫୋରଣ ଘଟଣା ପରେ ସେ ଅତ୍ୟନ୍ତ ଦୁଃଖରେ ଅଛନ୍ତି ଏବଂ ଭୁଟାନ୍‌ ଗସ୍ତ କରିଛନ୍ତି। ଏହି ଘଟଣାରେ ପୀଡ଼ିତ ପରିବାରଙ୍କ ସହିତ ସାରା ଦେଶ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O – PM on Delhi Blast**

ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନେଇ ବିଶ୍ୱାସ କରୁଥିବା ଭୁଟାନ୍‌ ଏବଂ ଏହାର ରାଜପରିବାର ପାଇଁ ଆଜିର ଦିନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଶତାବ୍ଦୀ ଶତାବ୍ଦୀ ଧରି ଭାରତ ଏବଂ ଭୁଟାନ୍‌ ମଧ୍ୟରେ ଅତ୍ୟନ୍ତ ନିବିଡ଼ରେ ସହଯୋଗୀ ଏବଂ ସାଂସ୍କୃତିକ ସମ୍ପର୍କ ରହିଛି। ଉଭୟ ଦେଶ ପ୍ରତ୍ୟେକ କ୍ଷେତ୍ରରେ ସହଭାଗୀ ସମ୍ପର୍କ ବଜାୟ ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O – PM on Peace**

# ପିଏମ୍‌-ଭୁଟାନ୍‌

ଭୁଟାନ୍‌ର ଚତୁର୍ଥ ରାଜା ଜିଗ୍‌ମେସିଙ୍ଗେ ୱାଙ୍ଗଚୁକ୍‌ଙ୍କ ସତୁରିତମ ଜନ୍ମଦିବସ ଉତ୍ସବରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଆଜି ଭୁଟାନ୍‌ରେ ପହଞ୍ଚିଛନ୍ତି। ପାରୋ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭୁଟାନ୍‌ର ପ୍ରଧାନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେ ତାଙ୍କୁ ସ୍ୱାଗତ କରିଥିଲେ। ଜିଗ୍‌ନେସିଙ୍ଗେଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଆଜି ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଛନ୍ତି। ଭୁଟାନ୍‌ର ଚତୁର୍ଥ ରାଜା ଜିଗ୍‌ନେସିଙ୍ଗେଙ୍କ ଜନ୍ମବାର୍ଷିକୀ ଅବସରରେ ଚାଲିଥିବା ବିଶ୍ୱଶାନ୍ତି ପ୍ରାର୍ଥନା ଉତ୍ସବର କାଳଚକ୍ର ସଶକ୍ତିକରଣ ବିଭାଗର ସମ୍ମାନରେ ଭୁଟାନ୍ ସରକାର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ପାଇଁ ସ୍ୱତନ୍ତ୍ର ଜାତୀୟ ଛୁଟି ଘୋଷଣା କରିଛନ୍ତି।

ଭାରତ ଓ ଭୁଟାନ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗ ଏବଂ ସ୍ୱତନ୍ତ୍ର ବନ୍ଧୁତ୍ୱକୁ ଅଧିକ ସଶକ୍ତ କରିବା ହେଉଛି ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଏହି ଗସ୍ତ କାଳରେ ଶ୍ରୀ ମୋଦୀ ଓ ଭୁଟାନ୍‌ର ରାଜା ଜିଗ୍‌ମେ ଖେସାର୍ ଓ୍ୱାଙ୍ଗ୍‌ଚୁକ୍’ ୧ ହଜାର ୨୦ ମେଗାୱାଟ୍ ବିଶିଷ୍ଟ ପୁନତ୍‌ସାଙ୍ଗ୍ଚୁ ଦ୍ୱିତୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହି ପ୍ରକଳ୍ପ ଉଭୟ ଭାରତ ଏବଂ ଭୁଟାନ୍ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି।

**V/O – PM on Bhutan**

## ବିହାର-ପୋଲ୍‌ସ

ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ମତଦାନ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ୪୭ ଦଶମିକ ୬୨ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ଏହି ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଉଛି।

ରାଜ୍ୟର ୩ କୋଟି ୭୦ଲକ୍ଷରୁ ଅଧିକ ମତଦାତା ୧ହଜାର ୩୦୨ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେମାନଙ୍କ ମଧ୍ୟରେ ୧୩୬ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ମତଦାନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ତେବେ ସୁରକ୍ଷାଗତ କାରଣରୁ ଗୟା, ଔରଙ୍ଗାବାଦ, ବାଙ୍କା ଏବଂ ରୋହସତ୍ ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧ ହଜାର ୨୦୨ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ  ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ। ୪୫ ହଜାରରୁ ଅଧିକ ଭୋଟ୍ ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି। ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା ହୋଇଛି। ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୫୯୫ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ କେବଳ ମହିଳା କର୍ମଚାରୀକୁ ନିୟୋଜିତ କରାଯାଇଛି। ୨୧ଟି ବୁଥ୍ ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ୩୧୬ଟି ଆଦର୍ଶ ପୁଲିଂ ବୁଥ୍ ପ୍ରତିଷ୍ଠା କରାଯାଇଛି।

ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ଲାଗି ମଧ୍ୟ ଭୋଟଗ୍ରହଣ ଚାଲିଛି। ଅନ୍ୟ ରାଜ୍ୟର ନିର୍ବାଚନମଣ୍ଡଳୀ ଗୁଡ଼ିକ ହେଲା–ଜାମ୍ମୁକାଶ୍ମୀରର ବୋଡ଼ଗୋଉଁ ଏବଂ ନାଗ୍ରୋଟା, ରାଜସ୍ଥାନର ଆଣ୍ଟା, ଝାଡ଼ଖଣ୍ଡର ଘଟଶୀଳ, ତେଲଙ୍ଗାନାର ଜୁବୁଲି ହିଲ୍‌ସ, ପଞ୍ଜାବର ତର୍ନତରନ୍ ଏବଂ ମିଜୋରାମର ଡମ୍ପା। ଉପନିର୍ବାଚନର ଫଳାଫଳ ଆସନ୍ତା ୧୪ ତାରିଖରେ ଭୋଟ୍ ଗଣତି ସହ ପ୍ରକାଶ ପାଇବ। ସର୍ବଶେଷ ସୂଚନା ଅନୁଯାୟୀ ନୂଆପଡ଼ା ଆସନରେ ଦିନ ଗୋଟାଏ ସୁଦ୍ଧା ୫୧ ଦଶମିକ ୪/୨ ପ୍ରତିଶତ ମତଦାନ ହୋଇଛି।